# Akashvani, Sambalpur

## SAMBALPURI NEWS EVENING BULLETIN

## 29 May 2025- 7.02 pm- 7.12 pm.

*********************************************

୧- ଚାଷ୍ ଭାରତ୍‌ର ଅର୍ଥନୀତିର୍ ମେରୁଦଣ୍ଡ ଆଉ ଚାଷୀମାନେ ହେଉଛନ୍ ଇତାର୍ ଆତ୍ମା- ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍‌ର ଶୁଭାରମ୍ଭ କରିକରି କହେଲେ କେନ୍ଦ୍ର କୃଷିମନ୍ତ୍ରୀ ।

୨- ଗାଁ ଇଲାକାର୍ ମହିଳାମାନ୍‌କର୍ ସ୍ଥାୟୀ ବିକାଶ୍‌ର ରଣନୀତି ହେଇଛେ ଲକ୍ଷପତି ଯୋଜ୍‌ନା- କହେଲେ ମୁଖ୍ୟମନ୍ତ୍ରୀ ।

୩- ସମ୍ବଲ୍‌ପୁର୍ ଶୀତଲ୍‌ଷଷ୍ଠୀ ଲାଗି ନିଜର୍ ପାଣ୍ଠିନୁ ୫୦ ଲାଖ୍ ଟଙ୍କାର୍ ଆର୍ଥିକ୍ ଅନୁଦାନ୍ ଘୋଷ୍‌ନା କଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ବର୍‌କସ୍ ହେଲା ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍ ।
- ଆଏବା ୨ ଦିନ୍‌ତକ୍ ରାଏଜେ ଜବର୍ ବର୍ଷା- ଅନୁମାନ୍ କଲା ପାଣିପାଗ୍ କେନ୍ଦ୍ର ।

କୃଷି ବୈଜ୍ଞାନିକ୍ମାନେ ଏତ୍କର ପରୀକ୍ଷା କେନ୍ଦ୍ର ଭିତ୍ରୁ ବାହାରିକରି ଗାଁ ଇଲାକାର୍ ଚାଷୀମାନ୍କୁ ସହଯୋଗ୍ କର୍ବେ ବଲି କେନ୍ଦ୍ର କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ପୁରୀ ଜିଲ୍ଲା ସାକ୍ଷୀଗୋପାଲ୍ କୃଷି ବିଜ୍ଞାନ୍ କେନ୍ଦ୍ର ଠାନୁ କେନ୍ଦ୍ର ସର୍କାର୍ଙ୍କର୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍କେ ଶୁଭାରମ୍ଭ କରିକରି ଶ୍ରୀ ଚୌହାନ୍ କହିଛନ୍ କୃଷି ଭାରତୀୟ ଅର୍ଥନୀତିର୍ ମେରୁଦଣ୍ଡ ଆଉ ଚାଷୀମାନେ ଇତାର୍ ଆତ୍ମା ଆନ୍ । କୃଷି ବୈଜ୍ଞାନିକ୍ମାନ୍କର୍ ସାଙ୍ଗେ ଚାଷୀମାନେ ସିଧାସଲଖ୍ ଆଲୋଚନା କଲେ ସ୍ମାର୍ଟ କୃଷି ବ୍ୟବସ୍ଥାକେ ତହଁକାଯାଇପାର୍ବା । ଇତାର୍ସହେତେ କୃଷି ଅର୍ଥନୀତିକେ ତୁର୍ତି କରାଯାଇପାର୍ବା ବଲି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

(ଭଏସ୍ ଓଭର୍- ଶିବରାଜ୍ ସିଂ ଚୌହାନ୍)

ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ମୁଲ୍ କର୍ବାର୍ ଆଘୋନୁ ଶ୍ରୀ ଚୌହାନ୍ ଶ୍ରୀମନ୍ଦିର୍କେ ଯାଇକରି ମାହାପୁରୁମାନ୍କର୍ ଦର୍ଶନ୍ କରିଥିଲେ । ଇ ଅବ୍ସରେ କୃଷି ସଚେତନତା ରଥର ଭିଲ୍ ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ବିଧାୟକ୍ ଆଉ କୃଷି ବିଭାଗ୍ର ଉଚ୍ଚ ଅଧିକାରୀମାନେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବାର୍ ଆଘୋନୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ ତ୍ରିରଙ୍ଗା ପଦଯାତ୍ରାଥି ସଭାସ୍ଥଲ୍କେ

ଯାଇଥିଲେ । ତାର୍ ଉତ୍‌ରୁ ‘ଏକ୍ ପେଡ୍ ମା’ କେ ନାମ୍’ ଅଭିଯାନ୍‌ଥି ଗଛ୍ ଜଗେଇଥିଲେ ।

କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଦ୍‌ବୋଧନ୍ ଦେଇକରି ଚାଷୀମାନ୍‌କୁ ସମାଜ୍‌ର ଆର୍ଥିକ୍ ମୁଖ୍ୟସ୍ରୋତଥି ସାମିଲ୍ କର୍‌ବାର୍ ଲାଗି ଅଭିଯାନ୍‌କେ ଗୁଟେ ଐତିହାସିକ ପଦକ୍ଷେପ୍ ବଲି କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏଜ୍‌ଠାନୁ ମୁଲ୍ ହେଇଥିବା କୃଷି ସଂକଳ୍ପ ଅଭିଯାନଥି ଜୁନ୍ ୧୨ ତାରିଖ୍‌ତକ୍ ଦେଶର୍ ୨୦ ଟା ରାଜ୍ୟର୍ ୭ ଶହ ନୁ ଅଏତ୍‌କା ଜିଲ୍ଲା ନ ଭିନ୍ ଭିନ୍  କାର୍ଯ୍ୟକ୍ରମ୍ ମାନ୍ ହେବା ।

ଲକ୍ଷପତି ଯୋଜ୍‌ନା-ମୁଖ୍ୟମନ୍ତ୍ରୀ      I&PR

ଲକ୍ଷପତି ଯୋଜ୍‌ନା ଗୁଟେ ଜନକଲ୍ୟାଣ୍‌କାରୀ, ସମାବେଶୀ ଆଉ ଗ୍ରାମୀଣ ମହିଳାମାନ୍‌କର୍ ସ୍ଥାୟୀ ବିକାଶ୍‌ର ରଣନୀତି ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ହେଇଥିବା ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍ । ତୃଣମୂଲ୍ ସ୍ତର୍‌ଥି ପରିବର୍ତନ୍ ଆନ୍‌ବାର୍‌ଥି ଲକ୍ଷପତି ଦିଦି ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଗ୍ରାମୀଣ ମହିଳା ଉଦ୍ୟୋଗୀମାନ୍‌କୁ ତହଁକାବାର୍ ସହେତେ ଦେଶର୍ ମହିଳା ସ୍ୱୟଂ

ସହାୟକ ଗୋଷ୍ଠୀମାନ୍‌କର୍ ସଫଲତାକେ ସମର୍ଥନ୍ ଦେବାର୍ ଇ ସମ୍ମିଲନୀର୍ ମୁଖ୍ୟ ଲକ୍ଷ୍ୟ ଆଏ ବଲି ଶ୍ରୀ ମାଝୀ କହିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବଛର୍‌କ ୧ ଲାଖ୍‌ନୁ ଅଏତ୍‌କା କମାନି କରୁଥିବା ଲକ୍ଷପତି ଦିଦି ମାନ୍‌କୁ ସମ୍ବର୍ଦ୍ଧିତ୍ କରିଛନ୍ । ସବୁନୁ ଜହ ୯୮ ପ୍ରତିଶତ୍ ଲକ୍ଷପତି ଦିଦି ତିଆର୍ କରିକରି ନୟାଗଡ଼୍ ଜିଲ୍ଲା ରାଏଜେ ପହେଲା ଠାନ୍ ପାଇକରି ସମ୍ମାନିତ ହେଇଛେ । ସମ୍ମିଲନୀଥି ଦେଶର୍ ୨୫ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଲକ୍ଷପତି ଦିଦି ମାନ୍‌କର୍ ସହେତେ ସର୍‌କାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ୍, ଜାତୀୟ ଗ୍ରାମୀଣ ଜୀବିକା ମିଶନ୍ ଆଉ ଭିନ୍ ଭିନ୍ ରାଜ୍ୟ ଜୀବିକା ମିଶନ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଏ ଆଇ ବ୍ୟବସ୍ଥା- ରାଜ୍ୟ ପ୍ରଥମ ଆର୍‌ଏନ୍‌ୟୁ/ କଟକ୍

କୃତ୍ରିମ ବୁଦ୍ଧିମତା - ଏ ଆଇ ଆଧାରିତ୍ ନୀତି ଲାଗୁ କର୍‌ବାରେ ଓଡ଼ିଶା ଦେଶର୍ ପହେଲା ରାଜ୍ୟ ଆଏ ବଲି ସ୍ୱାସ୍ଥ୍ୟ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ସେ କହିଛନ୍, ବଜେଟ୍‌ଥି ଇଥିର୍‌ଲାଗି ୨୦ କୋଟି ଟଙ୍କା ଅନୁମୋଦନ୍ କରାଯାଇଛେ । ରାଜ୍ୟ କେବିନେଟ୍‌ଥି ଗଲାକାଏଲ୍ କୃତିମ ବୁଦ୍ଧିମତା ନୀତି -୨୦୨୫ ଅନୁମୋଦନ୍ କରାଯାଇଛେ । ଦର୍‌କାର୍ ପଡ଼୍‌ଲେ ଇଥିର୍‌ଲାଗି ଆହୁରି

ଅଏତ୍‌କା ବ୍ୟୟବରାଦ୍ କରାଯିବା । ଇ ଦିଗେ ନିଯୁକ୍ତି ସୁଯୋଗ୍ ଭିଲ୍ ବଢ୍‌ବା ବଲି ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଶୀତଲ୍‌ଷଷ୍ଠୀ- ଆର୍ଥିକ୍ ଅନୁଦାନ୍ ଏକ୍ସ

ସମ୍ବଲ୍‌ପୁର୍ ଶୀତଲ୍‌ଷଷ୍ଠୀ ଯାତ୍ରାକେ ଆହୁରି ଭବ୍ୟ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଜର୍ ପାଣ୍ଠିନୁ ୫୦ ଲାଖ୍ ଟଙ୍କାର୍ ଆର୍ଥିକ୍ ଅନୁଦାନ୍ ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ସାମାଜିକ୍ ଗଣମାଧମ୍‌ଥି ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ଶୀତଲ୍‌ଷଷ୍ଠୀ ଯାତ୍ରା ଆମର୍ ସଂସ୍କୃତି, ପରମ୍ପରାର୍ ଅନନ୍ୟ ବାର୍ତାବହ ଆଏ । ଇ ଆର୍ଥିକ୍ ସାହାଜ୍ ଶୀତଲ୍‌ଷଷ୍ଠୀ ଯାତ୍ରାକେ ଆହୁରି ଆକର୍ଷଣୀୟ କର୍‌ବା । ଇତାର୍‌ସହେତେ ଲୋକପରମ୍ପରା ମହନୀୟ ହେବା ଆଉ ଓଡ଼ିଆ ଅସ୍ମିତା ଗରିମାମୟ ହେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ସେଆଡ଼େ ଶୀତଲ୍‌ଷଷ୍ଠୀ ଯାତ୍ରାଥି ସାମିଲ୍ ହେବାର୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଭିଡ଼ିଓ ବାର୍ତାଥି ଲୁକ୍‌କୁ ନିଉତା ଦେଇଛନ୍ । ଶୀତଲ୍‌ଷଷ୍ଠୀ ଦିବ୍ୟ ଆଧ୍ୟାତ୍ମିକତା ଆଉ ଭବ୍ୟ ଲୋକ ସଂସ୍କୃତିର୍ ବିରଳ ସଂଗମ୍ ଆଏ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ପତର୍‌ପେଁଢ଼ି ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରଥି ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶିବମନ୍ଦିର୍ ମାନ୍‌କେ ଆଏଜ୍ ପତର୍‌ପେଁଡ଼ି ହେଉଛେ ।   ଆମର୍ ସମ୍ବାଦଦାତାଙ୍କର୍ ସୂଚ୍‌ନା ଅନ୍‌ସାରେ ଶଙ୍ଖ, ଘଂଟ, ଦୁଲ୍‌ଦୁଲି ଆଉ ଲୋକନାଚ୍ ଦଲ୍ ସାଙ୍ଗେ ନେଇକରି ବରପିତା, ସପ୍ତରଷି ଆର୍ ପଡ଼ା ମାନ୍‌କର୍ ମୁରବୀ ମାନେ କନିଆ ଖୁଜ୍‌ବାର୍‌କେ ଶୋଭାଯାତ୍ରାଥି ବାହାରିଛନ୍ । ଇ ବାବ୍‌ଦେ ଝାଡୁଆପଡ଼ା ଶୀତଲ୍‌ଷଷ୍ଠୀ ଯାତ୍ରା କମିଟିର୍ ସଭାପତି ସରୋଜ୍ ଦଲ୍‌ପତ୍ କହିଛନ୍....

(ଭଏସ୍ ଓଭର୍-ସରୋଜ୍ ଦଲ୍‌ପତ୍)

ଆଏବାକାଏଲ୍ ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ବିହା ଲାଗି ଗୁଆଗୁଁଡ଼ା ନିଉତା ଯାତ୍ରା ହେବା ।

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ୍-ଉପମୁଖ୍ୟମନ୍ତ୍ରୀ      I&PR

ସ୍ୱଚ୍ଛ ଋତୁସ୍ରାବ ମହିଳାମାନ୍‌କର୍ ସୁସ୍ଥ ଶରୀରର୍ ପ୍ରତୀକ୍ ଆଏ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନ୍ ଠାନେ ହେଇଥିବା ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀମତୀ ପରିଡ଼ା

କହିଛନ୍, ଋତୁସ୍ରାବ ଈଶ୍ୱରଙ୍କର୍ ଆଶିର୍ବାଦ୍ ଆଏ । ଇ ଦିଗେ ନିରବତା ଭାଙ୍ଗ୍‌ବାର୍‌କେ ପଡ଼୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ସର୍ବସାଧାରଣ ଜାଗା ମାନ୍‌କେ ମହିଲାମାନ୍‌କର୍ ଲାଗି ଗୁଟେ ଅନୁକୁଳ ପରିବେଶ୍ ବନାବାର୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ପ୍ରସ୍ତାବ୍ ଦେଇଛନ୍ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ/ଝାର୍‌ସୁଗୁଡ଼ା/ସୁବର୍ଣ୍ଣପୁର୍ ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ତାଲ୍‌ପଟିଆ ଠାନେ ଆଏଜ୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍‌ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ହେଇଯାଇଛେ । ଝାର୍‌ସୁଗୁଡ଼ା ବିଧାୟକ ଟଙ୍କଧର୍ ତ୍ରିପାଠୀ ଅଭିଯାନ୍‌କେ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମାଟି ପରୀକ୍ଷା ରଥକେ ବିଧାୟକ୍ ଶୁଭାରମ୍ଭ କରିଛନ୍ । ଭାରତ୍ ସର୍‌କାର୍‌ଙ୍କର୍ ଇ ଅଭିଯାନ୍ ଚାଷୀମାନ୍‌କର୍ ଅର୍ଥନୈତିକ୍ ଅଭିବୃଦ୍ଧି ଦିଗେ ସାହାଜ୍ କର୍‌ବା ବଲି ଶ୍ରୀ ତ୍ରିପାଠୀ କହିଛନ୍ । ଇ ଅବ୍‌ସରେ ଚାଷୀମାନ୍‌କୁ କୃଷି ସ୍ୱାସ୍ଥ୍ୟ କାର୍ଡ଼ ବଂଟାଯାଇଥିଲା । ଇତାର୍‌ସହେତେ ଡ୍ରୋନ୍ ଜରିଏ କୀଟନାଶକ ସିଂଚନ ପ୍ରଦର୍ଶନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ ବିଶିପଡ଼ା ଗାଁ ନ ଭିଲ୍ ବିକଶିତ କୃଷି ସଂକଳ୍ପ ଅଭିଯାନ୍‌ର ଶୁଭାରମ୍ଭ ହେଇଛେ । ଜିଲ୍ଲା ମୁଖ୍ୟ

କୃଷି ଅଧିକାରୀ ରୁଦ୍ରଦେବ୍ ରାଉତଙ୍କର୍ ପରିଚାଳନାଥି ହେଇଥିବା କାର୍ଯ୍ୟକ୍ରମ୍ଥି କୃଷି ବୈଜ୍ଞାନିକମାନ୍କର୍ ସହେତେ ଚାଷୀମାନେ ଯୋଗ୍ ଦେଇକରି ଭିନ୍ ଭିନ୍ ଚାଷୀସମସ୍ୟା ବାବ୍ଦେ ଆଲୋଚନା କରିଥିଲେ ।

ବର୍ଜ୍ୟବସ୍ତୁ ପରିଚାଳନା-ଆଇନ୍ ସଚେତନତା/ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ସଦର୍ ବ୍ଲକ୍ ମୟୁର୍‌ଉଡ଼ାନ୍ ପଂଚାୟତ୍ କିର୍ତିପୁର ଅଙ୍ଗନବାଡ଼ି କେନ୍ଦ୍ର ନ ବର୍ଜ୍ୟବସ୍ତୁ ପରିଚାଳନାକେ ନେଇକରି ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ଶିବିର ହେଇଯାଇଛେ । ଶିବିର୍‌ଥି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ସଚିବ ଦେବାଶିଷ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରାଧିକରଣ୍‌ର ଉଦ୍ଦେଶ୍ୟ ବାବ୍ଦେ ବୁଝେଇଥିଲେ ।

ଚଡ଼କ୍- ୨ ଝନ୍ ମହିଳା ଚାଷୀ ମୃତ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଅତାବିରା ଥାନା ଇଲାକା ନ ଚଡ଼କ୍ ମାରିକରି ଆଏଜ୍ ୨ ଝନ୍ ମହିଳା ଚାଷୀଙ୍କର୍ ଜୀବନ୍ ଯାଇଛେ । ମୃତକ୍‌ମାନ୍କର୍ ଭିତ୍‌ରୁ ଝନେ ଖଇର୍‌ପାଲି ପାଖର୍ ନଲିଆ

ଝୁପ୍‌ଡ଼ି ଗାଁର୍ ହେଇଥିଲା ବେଲେ ଆର ଝନ୍‌କ ଟୋପ ଗାଁର୍ ବଲି ଜନାପଡ଼ିଛେ । ଖେତେ କାମ୍ କରୁଥିଲା ବେଲେ ଦୁହି ମହିଳା ଚାଷୀଙ୍କୁ ବିଜ୍‌ଲି ମାରିଥିଲା ।

ସି ଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗ୍ ଆଉ ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ ତର୍‌ଫୁ ଚାଲିଥିବା ସି ଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ସମ୍ବଲ୍‌ପୁର୍ ଜୋନ୍‌ଥି  ଆଏଜ୍ ଦୁଇଟା ମେଚ୍ ଖେଲାଯାଇଛେ । ସଖାଲ୍ ବେଲା ପହେଲା ମେଚ୍ ସୁନ୍ଦର୍‌ଗଡ଼୍ ଆର୍ ବୌଦ୍ଧ ଦଲ୍ ଭିତ୍‌ରେ ଖେଲାଯାଇଥିଲା । ଇଥି ସୁନ୍ଦର୍‌ଗଡ଼୍ ଦଲ୍ ୧୪- ଶୂନ୍ ଗୋଲ୍‌ଥି ଜିତିଛେ ।
ସେନ୍ତା ଉପର୍‌ବେଲା ବର୍‌ଗଡ଼୍ ଆର୍ ସୁବର୍ଣ୍ଣପୁର୍ ଭିତ୍‌ରେ ଖେଲାଯାଇଥିବା ମେଚ୍ ୧/ ୧ ଗୋଲ୍‌ଥି ଡ୍ର ହେଇଛେ ।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ-ସମ୍ବଲପୁର        ହି.ସ.

ଦାମନ୍ ଡିଉ ଠାନେ ହେଇଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ-୨୦୨୫ ଥି ସମ୍ବଲ୍‌ପୁର୍ ଜିଲ୍ଲାର୍ ୩ ଝନ୍ ଯୁବ ଖେଲାଳି କାଂସ୍ୟ ପଦକ୍   ଜିତିଛନ୍ । ପେନ୍‌ଚାକ୍‌ସିଲାଟ୍ ଖେଲ୍‌ର

ଆର୍ଟିଷ୍ଟିକ୍ ବିଭାଗ୍‌ଥି ଓଡ଼ିଶା ତର୍‌ଫୁ ପ୍ରତିନିଧିତ୍ୱ କରିକରି ଜିଲ୍ଲାର୍ ବସୁନ୍ଧରା ତାଣ୍ଡି , ପିଉ ଦାସ, ମେହୋରୋଜ୍ ଖଣ୍ଡର୍ ପଦକ୍ ଜିତିକରି ରାଜ୍ୟ ଲାଗି ଗୌରବ୍ ଆନିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପର୍ଶ୍ଚିମ ବଙ୍ଗୋପ୍‌ସାଗର୍ ନ ବନିଥିବା ଲଘୁଚାପ୍ ବର୍‌କସ୍ ହେଇକରି ଅବପାତର ରୂପ୍ ନେଇଛେ । ଇଟା ଧୀରେ ଧୀରେ ଉତର୍ ଦିଗ୍‌କେ ଗତି କରୁଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨ ଦିନ୍ ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେଇପାରେ । କଲାହାଣ୍ଡି ଜିଲ୍ଲାର୍ ଲାଞ୍ଜିଗଡ୍ ଠାନେ ଆଏଜ୍ ସବୁନୁ ଜହ ୯୬ ଦଶ୍‌ମିକ୍ ୪ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍‌ରେ କଲହାଣ୍ଡି ସହେତେ ୧୧ ଟା ଜିଲ୍ଲା ନ ବିଜ୍‌ଲି ମାରିକରି ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।